## ସଂକ୍ଷେପରେ

### ବସ୍ ଧକ୍କାରେ ଜଣେ ଗୁରୁତର



କୋରାପୁଟ,୨୬।୩ (ସ୍ୱ.ପ୍ର): କୋରାପୁଟ ୨୬ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ଏକ ଘରୋଇ ବସ ଧକ୍କାରେ ଜଣେ ପଥଚାରୀ ଗୁରୁତର ହୋଇଛନ୍ତି । ସେ ହେଲେ କୋରାପୁଟ ସହରର କହ୍ନେଇପୁଟ ଅଞ୍ଚଳର ବଳରାମ ପାଙ୍ଗିଙ୍କ ପୁଅ ପ୍ରଶାନ୍ତ କୁମାର ପାଙ୍ଗି(୨୫)। ତାଙ୍କୁ କୋରାପୁଟ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ବସଟି ଭୁବନେଶ୍ୱରରୁ ଜୟପୁର ଯାଉଥିବା ବେଳେ ସ୍ଥାନୀୟ ୨୬ ନମ୍ବର ଜାତୀୟ ରାଜପଥ ରେଲୱେ ଓଭର ବ୍ରିଜ ନିକଟରେ ପ୍ରଶାନ୍ତଙ୍କୁ ଧକ୍କା ଦେଇଥିଲା। ସେ ଛିଟିକି ରାସ୍ତା କଡକୁ ପଡିଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। କୋରାପୁଟ ଟାଉନ ପୋଲିସ ବସକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଟାଉନ ଥାନା ଅଧିକାରୀ ବାସୁଦେବ ଛତ୍ରିଆ ପ୍ରକାଶ କରିଛନ୍ତି ।

### ମହିଳା କଂଗ୍ରେସର ପ୍ରସ୍ତୁତି ବୈଠକ



ଜୟପୁର,୨୬।୩(ଡି.ଏନ.ଏ): ଜୟପୁର ନିର୍ବାଚନମଣ୍ଡଳୀ ମହିଳା କଂଗ୍ରେସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ନଳନୀ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଧାୟକ ତାରାପ୍ରସାଦ ବାହିନୀପତି, କଂଗ୍ରେସ ଲୋକସଭା ପ୍ରାର୍ଥୀ ସପ୍ତଗିରି ଉଲ୍ଲାକା, ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଯୋଗଦେଇ ସମସ୍ତ ମହିଳା କର୍ମୀଙ୍କୁ ଆସନ୍ତା ନିର୍ବାଚନ ନିମନ୍ତେ ସଂଗଠିତ ହୋଇ ଦଳୀୟ ପ୍ରାର୍ଥିଙ୍କୁ ବିଜୟୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ କରିଛନ୍ତି । ଏଥିରେ ପୌରସଂସ୍ଥା ଏବଂ ବ୍ଲକର ମହିଳା କର୍ମୀମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ପାଢୀ, ଦୁର୍ଗାଶଙ୍କର ସାହୁ, ମଦନମୋହନ ନାୟକ, କୃଷ୍ଣ ଚନ୍ଦ୍ର ନେପାକ, ବସନ୍ତ ନାୟକ, ହାସାନ ମଦାନୀ ପ୍ରମୁଖ ମାଞ୍ଚାସୀନ ଥିଲେ ।

■ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ପ୍ରସ୍ତୁତି ଜୋର୍‌ଦାର

# ଏସ୍‌ପିଜି ଅଧିକାରୀଙ୍କ ସଭାସ୍ଥଳ ତଦାରଖ

ଜୟପୁର, ୨୬।୩ (ଡି.ଏନ.ଏ)

ଆସନ୍ତା ୨୯ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୟପୁର ଆସିବେ। ସେ ଭାରତୀୟ ଜନତା ପାର୍ଟିର ଅବିଭକ୍ତ କୋରାପୁଟ ଜିଲା ୨ ଲୋକସଭା ଏମ୍‌ପି ଏବଂ ୧୪ ବିଧାନସଭା ପ୍ରାର୍ଥୀଙ୍କ ପ୍ରଚାର ନିମନ୍ତେ ଆସୁଥିବା ଜଣାଯାଇଛି। ପ୍ରଧାନମନ୍ତ୍ରୀ କୋରାପୁଟ ଜିଲା ଜୟପୁର ବ୍ଲକର ଏକମ୍ବା ଗ୍ରାମପଞ୍ଚାୟତର ବାଙ୍କବିଜ ଗ୍ରାମ ପଡିଆଠାରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେବେ । ଏଥିସହିତ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଆହ୍ୱାନ କରିବେ । ଏନେଇ ମଙ୍ଗଳବାର ସ୍ପେସିଆଲ ପ୍ରୋଟେକ୍ସନ ଗ୍ରୁପ୍ (ଏସପିଜି)ର ଆଇଜି, ଏସ୍‌ପି ଏବଂ ଏଏସପି ପାହ୍ୟାର ୩ ଜଣ ଅଧିକାରୀ ଦିଲ୍ଲୀରୁ ଆସି ପଡିଆ ଓ ଏବଂ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଛନ୍ତି। ଉକ୍ତ ପଡିଆ ନିକଟରେ ଏକ ଗୃହ ଥିବାରୁ ଏହାକୁ ଖାଲି କରିବାକୁ ଏସପିଜି ସୁରକ୍ଷା ଅଧିକାରୀ ପରାମର୍ଶ ଦେଇଛନ୍ତି। ସେହିପରି ରାଜ୍ୟବାହାରର ଏକ ଠିକା ସଂସ୍ଥା ମଞ୍ଚ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ସମୟରେ ଜିଲା ପୋଲିସ ପକ୍ଷରୁ ଏସପି କନୱର ବିଶାଲ ସିଂ, ଏସଡିପିଓ ସାଗରିକା ନାଥ ଏବଂ ଟାଉନଥାନା ଓ ସଦରଥାନା ପୋଲିସ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମରେ ଜିଲା ଓ କେନ୍ଦ୍ରୀୟ ସୁରକ୍ଷା ବଳ ଦାୟିତ୍ୱରେ ରହିବେ। ସଭାସ୍ଥଳ ନିକଟରେ ହେଲିପ୍ୟାଡ ବ୍ୟବସ୍ଥା କରାଯିବା ନେଇ ତଦାରଖ କରାଯାଇଛି। ଏହାପରେ ଜୟପୁର ଏୟାରଷ୍ଟ୍ରିପଠାରେ ଏସପିଜି, ଜିଲା ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।



ସଭାସ୍ଥଳରେ ତଦାରଖ କରାଯାଉଛି ।



ଅଗ୍ନିକାଣ୍ଡରେ ଜଳୁଥିବା ଘରକୁ ଲିଭାଯାଉଛି ।

# ଅଗ୍ନିକାଣ୍ଡରେ ୫ ବଖରା ଭସ୍ମୀଭୂତ

କୁନ୍ଦୁରା,୨୬।୩(ଡ଼ି.ଏନ.ଏ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ମହକୁମାସ୍ଥିତ ନାୟକସାହିରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡରେ ୫ ବଖରା ଭସ୍ମୀଭୂତ ହୋଇଯାଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜା ଦମକଳବାହିନୀକୁ ଖବର ଦେଇଥିଲେ । ଦମକଳ ବାହିନୀ ପହଞ୍ଚିବା ବେଳକୁ ସବୁ ଛାରଖାର ହୋଇସାରିଥିଲା । ଗ୍ରାମର ସୀତାରାମ ନାୟକ, କଳା ନାୟକ ଓ ମାନା ନାୟକଙ୍କ ଘର ଜଳିଯାଇଛି । ଏଥିସହ ନିକଟରେ ଥିବା ଏକ ପୁରୁଣା ଗଛ ମଧ୍ୟ ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ ।

■ ନବମ ଶ୍ରେଣୀ ଛାତ୍ରୀ ଶିଶୁକନ୍ୟା ଜନ୍ମ ଦେବା ଘଟଣା

# ୩ଲକ୍ଷ କ୍ଷତିପୂରଣ ଦେବାକୁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୬।୩ (ବ୍ୟୁରୋ)

**ଛାତ୍ରୀଙ୍କୁ ସରକାରୀ ନିୟମ ଅନୁଯାୟୀ ଥଇଥାନ କରାଯାଉ**

କୋରାପୁଟ ଜିଲାର ଏକ ଆବାସିକ ସରକାରୀ ସ୍କୁଲ୍ ଛାତ୍ରୀବାସରେ ରହୁଥିବା ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ୨୦୧୭ରେ ବଳାତ୍କାର କରାଯାଇଥିଲା। ସ୍କୁଲର ପ୍ରଧାନଶିକ୍ଷକ ଛାତ୍ରୀଙ୍କୁ ବଳାତ୍କାର କରିବା ପରେ କାହାକୁ ନ କହିବାକୁ ଧମକ ଦେଇଥିଲେ। ଭୟରେ ଛାତ୍ରୀଜଣକ କାହାକୁ ନ କହି ଶେଷରେ ଏକ ଶିଶୁ କନ୍ୟା ଜନ୍ମ ଦେଇଥିଲେ। ଏହି ଘଟଣାକୁ ନେଇ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ନିକଟରେ ଏକ ପିଟିଶନ ହୋଇଥିଲା। ଏହାର ବିଚାର କରି ଓଏଚ୍‌ଆର୍‌ସି ସଦସ୍ୟ ଜଷ୍ଟିସ ରଘୁବୀର ଦାଶ ପୀଡିତା ଛାତ୍ରୀଙ୍କୁ ୩ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଅନୁସୂଚିତ ଜାତି ଓ ଜନଜାତି ବିଭାଗର କମିଶନର କମ୍ ସେକ୍ରେଟେରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଉକ୍ତ ଟଙ୍କା ଛାତ୍ରୀଙ୍କ ନାମରେ ୭ବର୍ଷ ପାଇଁ ଫିକ୍ସଡ୍ ଡିପୋଜିଟ୍ କରିବାକୁ କୁହାଯାଇଛି। ୬ମାସ ପରେ ଏହି ଟଙ୍କାରୁ ଯାହା ସୁଧ ଆସିବ ତାହାକୁ ଛାତ୍ରୀଙ୍କୁ ଦିଆଯିବ। ଏହାସହ ସରକାରୀ ନିୟମ ଅନୁଯାୟୀ ଛାତ୍ରୀଙ୍କୁ ଥଇଥାନ କରାଯିବାକୁ ନିର୍ଦ୍ଦେଶ ରହିଛି। ସରକାର ଚାହିଁଲେ ଅଭିଯୁକ୍ତଙ୍କଠାରୁ ଉକ୍ତ ଟଙ୍କା ଭରଣା କରି ପୀଡିତାଙ୍କୁ ଦିଆଯାଇପାରିବ ବୋଲି ଜଷ୍ଟିସ ଦାଶ କହିଛନ୍ତି। ସୂଚନାଯୋଗ୍ୟ, ଏହି ସମ୍ବେଦନଶୀଳ ଘଟଣାକୁ ନେଇ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ ଗୋ ଓ ବିଜୟ କୁମାର ପଣ୍ଡା ଓଏଚ୍‌ଆର୍‌ସିଙ୍କ ନିକଟରେ ଏକ ପିଟିଶନ କରିଥିଲେ। ଓଏଚ୍‌ଆର୍‌ସି ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ କୋରାପୁଟ ଏସ୍‌ପି ଓ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ରିପୋର୍ଟକୁ ଆଧାର କରି ଶୁଣାଣି ହୋଇଥିଲା।

### ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର ଅଭିଯୋଗ

ମୋହନା,୨୬।୩(ଡି.ଏନ୍.ଏ.)

ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିବା ଓ ଯୁବତୀ ଜଣକ ଗର୍ଭବତୀ ହେବାପରେ ପ୍ରତାରଣା କରିବା ନେଇ ମଙ୍ଗଳବାର ଅଡବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୧୫/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗଜପତି ଜିଲା ଅଡବା ଥାନା ଅଞ୍ଚଳର ଜଣେ ଯୁବକଙ୍କର ସେହି ଅଞ୍ଚଳର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେ ଯୁବକ ଜଣକ ବିବାହର ପ୍ରଲୋଭନ ଦେଖାଇ ଯୁବତୀଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ସେ ଗର୍ଭବତୀ ହେବା ଜାଣିବା ପରେ ଯୁବକ ଆଉ ତାଙ୍କ ସହ ସମ୍ପର୍କ ରଖି ନ ଥିଲେ। ଏ ନେଇ ଗାଁରେ ବୈଠକ କରି ଯୁବକଙ୍କ ପରିବାରକୁ ଆଲୋଚନା ପାଇଁ ଡାକିଥିଲେ। ଯୁବକଙ୍କ ପରିବାର ଲୋକେ ବୈଠକକୁ ଆସିଲେ ନାହିଁ। ଶେଷରେ ଯୁବତୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

■ ନନ୍ଦପୁରରେ ଅବକାରୀ ଚଢ଼ାଉ

# ୬୦ ଲିଟର ମଦ ଜବତ, ୩ ଗିରଫ



ଜବତ ହୋଇଥିବା ମଦ ସହ ଗିରଫ ୩ ଅଭିଯୁକ୍ତ ।

କୋରାପୁଟ,୨୬।୩ (ସ୍ୱ.ପ୍ର)

କୋରାପୁଟ ଜିଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ନନ୍ଦପୁର ଅଞ୍ଚଳର ଅଡମୁଣ୍ଡା, ଗୁଲେଲ ଓ ଗାଇଲପୁଟ ଆଦି ଗ୍ରାମରେ ଚଢାଉ କରାଯାଇ ୬୦ ଲିଟର ମଦ ଜବତ କରାଯାଇଛି। ଏଥିସହ ଗୋଟିଏ ବାଇକ୍ ଜବତ କରାଯାଇଥିବା ବେଳେ ୬୦୦ ଲିଟର ପୋଚ ନଷ୍ଟ କରାଯାଇଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସେମାନେ ହେଲେ ଆଡମଣ୍ଡା ଗ୍ରାମର ମନିକା ମୁଗୁଲୁ, ଗୁଲେଲ ଗ୍ରାମର ଗୋବର୍ଦ୍ଧନ ନନ୍ଦିବାଲି ଓ ଗାଇଲପୁଟ ଗ୍ରାମର ଗୋବର୍ଦ୍ଧନ କିର୍ଶାନୀ। ନନ୍ଦପୁର ଓଆଇସି ସରୋଜ କୁମାର ପରିଡା, କୋରାପୁଟ ଡିଇଏସ ବିବେକା ନନ୍ଦ ପେରାଇ, ଏଏସଆଇ ରଘୁନାଥ ସାହୁ, ପ୍ରତିମା ବେହେରା, ବୁଲୁ ଗୌଡ, ହେମନ୍ତ ବାଘ, ତ୍ରିଲୋଚନ ରାଇଚେଟ୍ଟି ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ ।



ମହିଳାମାନେ ପଞ୍ଚେଇ ପୂଜା କରୁଛନ୍ତି ।

# ମା' କଣ୍ଟାବାଉଁଶୁଣୀଙ୍କ ପୀଠରେ ଭିଡ଼

ଦାମନଯୋଡ଼ି, ୨୬।୩ (ଡି.ଏନ୍.ଏ.)

**ଚୈତ୍ର ମଙ୍ଗଳବାର**

ପବିତ୍ର ଚୈତ୍ର ମାସର ପ୍ରଥମ ମଙ୍ଗଳବାର ଦାମନଯୋଡ଼ିର ଆରାଧ୍ୟାଦେବୀ ମା' କଣ୍ଟାବାଉଁଶୁଣୀଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି । ଲୋକମାନେ ମା'ଙ୍କୁ ପଣା ଅର୍ପଣ କରିବା ସହ ନଡ଼ିଆ, କଦଳୀ, ଅରୁଆ ଚାଉଳ ଓ ଲାଲ ଫୁଲ ଅର୍ପଣ କରି ପୂଜା କରିଥିଲେ। ସେହିପରି ମହିଳାମାନେ ପଞ୍ଚେଇ ଓଷା କରିଛନ୍ତି। ମହିଳାମାନେ ମା' ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ଏକ ଛୋଟ ଗାତ ଖୋଳି ଗୋବରରେ ଲିପାପୋଛା କରିଥିଲେ । ସେଥିରେ ମୁରୁଜ ପକାଇବା ସହ ହଳଦୀ ପାଣିରେ ମା'ଙ୍କୁ ଗାଧୋଇ ଦେଇଥିଲେ । ପରେ ମା'ଙ୍କଠାରେ ପୂଜା କରାଯାଇଥିବା ପଣା ଭୋଗ ବଣ୍ଟନ କରାଯାଇଥିଲା। ବହୁ ମହିଳା ବିଭିନ୍ନ ଶକ୍ତିପୀଠକୁ ଯାଇ ମା'ଙ୍କୁ ଉପାସନା କରିଥିଲେ। ଏଥିସହ ଏକ ସ୍ୱତନ୍ତ୍ର ବ୍ରତ କରିଥିଲେ। ପରିବାରର ମଙ୍ଗଳ ପାଇଁ ଏହି ପୂଜା କରିଥାନ୍ତି। ପୁରାଣ ବର୍ଣ୍ଣିତ ଶ୍ରୀୟା ଚଣ୍ଡାଲୁଣୀଙ୍କ ପୁତ୍ରଙ୍କୁ ସେଠାକାର ରାଜା ମାରି ଦେଇଥିଲେ।

ଶ୍ରୀୟା ମା' ମଙ୍ଗଳାଙ୍କୁ ନିୟମିତ ପୂଜା କରୁଥିବାରୁ ମୃତ ପୁଅମାନେ ମା'ଙ୍କ ଦୟାରୁ ଜୀବଦାନ ପାଇଥିଲେ। ପରେ ରାଜା ଓ ରାଣୀ ମଧ ମା' ମଙ୍ଗଳାଙ୍କ ପୂଜା କରି ପୁତ୍ର ଲାଭ କରିଥିଲେ।

### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଦଶମନ୍ତପୁର,୨୬।୩(ଡ଼ି.ଏନ.ଏ)

ସ୍ଥାନୀୟ ରାଧାକୃଷ୍ଣ ମହାବିଦ୍ୟାଳୟରେ ଗତ ୧ ତାରିଖରୁ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ତ୍ରିନାଥ ପାତିକା ମୁଖ୍ୟଅତିଥି, ମଧୁଲିତା ପଟ୍ଟନାୟକ, ଆର୍ତ୍ତତ୍ରାଣ ଆଚାର୍ଯ୍ୟ, ଅଧ୍ୟାପକ ସରୋଜ ତୁଳ, କୃଷ୍ଣଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବୈପାରୀଗୁଡ଼ା ମହିଳା ମହାବିଦ୍ୟାଳୟ ଛାତ୍ରୀ ରିନାଲି ଗଉଡ଼, ସୁଭାସିନୀ ପ୍ରଧାନ ତାଲିମଦାତା ଭାବେ ଯୋଗ ଦେଇଥିଲେ। ଏଥିରେ ତାଲିମ ଗ୍ରହଣ କରିଥିବା ୮୮ ଜଣ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅଧ୍ୟାପକ ପର୍ଶୁରାମ ସାହୁ ପରିଚାଳନା କରିଥିଲେ ।




ଦଶମନ୍ତପୁରରେ ଆତ୍ମରକ୍ଷା ତାଲିମ ଶିବିରରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।




ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳି ଓ ଅନ୍ୟମାନେ ।

■ ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା

# ସେମିଳିଗୁଡ଼ା, ସୁନାବେଡ଼ା ଖେଳାଳିଙ୍କ କୃତିତ୍ୱ

ସେମିଳିଗୁଡ଼ା,୨୬।୩(ସ୍ୱ.ପ୍ର)

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ଗତ ୨୩ ଓ ୨୪ ତାରିଖ ଦୁଇ ଦିନ ଧରି ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ କୋରାପୁଟ ଜିଲା ସୁନାବେଡ଼ା ଓ ସେମିଳିଗୁଡ଼ାରୁ ୬ ଜଣ ଖେଳାଳି ଅଂଶ ଗ୍ରହଣ କରି କୃତିତ୍ୱ ହାସଲ କରିଛନ୍ତି। ହିତେଶ ପୋଦାର ଗୌଡ଼ ଓ ପ୍ରଜ୍ଞା ପରମିତା ସାହୁ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିପରି ସଚିନ ବିଶ୍ୱକର୍ମା ଓ ଆର ଶୁଭାସିନୀ ରୌପ୍ୟ, ରାଜଦୀପ ନାୟକ ଓ ଶ୍ରୀୟା ଖରା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ହିତେଶ ଓ ପ୍ରଜ୍ଞା ଆସନ୍ତା ୫ରେ ଗୌହାଟୀରେ ଆୟୋଜିତ କେଏଆଇ ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି । ଏହି ସଫଳତା ନେଇ ସ୍କୁଲର ମୁଖ୍ୟ କୋଚ ମହେଶ ବରାଳ ଓ ସ୍କୁଲ ସଭାପତି କୃତୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

■ କୋରାପୁଟ, ଲକ୍ଷ୍ମୀପୁର, ପଟ୍ଟାଙ୍ଗି ବିଧାନସଭା ଆସନ

# ୨୧ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ

**ଲୋକ ସଭା ଆସନର ସବୁ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ**

କୋରାପୁଟ, ୨୬।୩(ସ୍ୱ.ପ୍ର )

ମଙ୍ଗଳବାର ନାମାଙ୍କନପତ୍ର ଯାଞ୍ଚ ପରେ କୋରାପୁଟ, ପଟ୍ଟାଙ୍ଗି ଓ ଲକ୍ଷ୍ମୀପୁର ୩ଟି ବିଧାନସଭାଆସନରେ ମୋଟ ୨୧ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଛି । କୋରାପୁଟରେ ସର୍ବାଧିକ ୧୦ ଜଣଙ୍କ ନାମାଙ୍କନ ପତ୍ର କାଏମ ରହିଛି। ବିଜେଡିରୁ ରଘୁରାମ ପୋଡାଲ, କଂଗ୍ରେସରୁ କୃଷ୍ଣ କୁଲଦୀପ, ଭାଜପାରୁ ତ୍ରିପୁରାରୀ ଗରଡା, ବିଏସପିରୁ ଭାଗିରଥି ପାଟନିଆ, ଭାରତୀୟ ଫରୱାର୍ଡ ବ୍ଲକ ଦଳରୁ ପ୍ରଭାକର ହନ୍ତାଳ, ଏସୟୁସିଓଆଇରୁ ରାମ ବାରିକ, ସ୍ୱାଧୀନ ପ୍ରାର୍ଥୀ ଭାବେ ଖଗପତି ଖୋସ୍ଲା, ବିପଦ ରଞ୍ଜନ ଦାସ, ପୂର୍ଣ୍ଣଚନ୍ଦ୍ର ପାଙ୍ଗି, ନବ କିଶୋର ବାଘଙ୍କ ପ୍ରାର୍ଥୀପତ୍ର କାଏମ ରହିଛି । ସେହିଭଳି ପଟ୍ଟାଙ୍ଗି ବିଧାନସଭା ଆସନରେ ୬ ଜଣ ପାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଛି । ସେମାନେ ହେଲେ ବିଜେଡିରୁ ପ୍ରୀତମ ପାଢୀ, କଂଗ୍ରେସରୁ ରାମଚନ୍ଦ୍ର କାଡାମ, ଭାଜପାରୁ ରାମଚନ୍ଦ୍ର ପାଙ୍ଗି, ବିଏସପିରୁ ମୁରଲୀଧର ଗୁଣ୍ଟା, ସ୍ୱାଧୀନରୁ ଚୈତନ୍ୟ ନନ୍ଦିବାଲି, କୃଷ୍ଣ ଚନ୍ଦ୍ର ଜାନି । ସେହିପରି ଲକ୍ଷ୍ମୀପୁର ବିଧାନସଭା ଆସନରେ ଯାଞ୍ଚ ପରେ ୫ ପ୍ରାର୍ଥୀପତ୍ର କାଏମ ରହିଛି। ବିଜେଡିରୁ ପ୍ରଭୁ ଜାନି, କଂଗ୍ରେସରୁ କୈଳାସ କୁଲୁସିକା, ଭାଜପାରୁ କୁମୁଦ ସାଓଁନ୍ତା, ବିଏସପିରୁ ଅନିତା ସଗରିଆ, ସିପିଆଇ ଏମଏଲରୁ ପୂର୍ଣ୍ଣଚନ୍ଦ୍ର ମାଣ୍ଡାଙ୍ଗିଙ୍କ ପାର୍ଥୀପତ୍ର କାଏମ ରହିଛି । ଉକ୍ତ ୩ ବିଧାସନଭା ଆସନରେ ଥିବା ପଟ୍ଟାଙ୍ଗିରୁ ଏପିଆଇର ଯିଶୁଦାନ ଦିଶାରି, ସ୍ୱାଧୀନ ପ୍ରାର୍ଥୀ ରବୀନ୍ଦ୍ର କୁମାର ବାଘ, ଓଡିଶା ପ୍ରଗତୀ ଦଳର ସ୍ନେହପାତ୍ର ସାଓଁନ୍ତା, କୋରାପୁଟ ଅସନରୁ ଏପିଆଇର ରିଖିତ କୁଲଦିପ, ସ୍ୱାଧୀନ ପ୍ରାର୍ଥୀ ଗୁପ୍ତ ଖରା ଏବଂ ଲକ୍ଷ୍ମୀପୁର ଆସନରୁ ଏପିଆଇର ବାଙ୍ଗାରୁ ମାଝି ୬ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ ହୋଇଥିବାବେଳେ ୫ ଡବଲିଂ ଭାବେ ପ୍ରାର୍ଥିପତ୍ର ଦାୟର କରିଥିବାରୁ ତାହା ରଦ୍ଦ କରାଯାଇଛି । ସେହିପରି କୋରାପୁଟ ଲୋକସଭା ଆସନ ନିମନ୍ତେ ସମସ୍ତ ୭ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଥିବା ଜଣାଯାଇଛି । ବିଜେଡିରୁ କୈଶଲ୍ୟା ହିକ୍‌କା, କଂଗ୍ରେସରୁ ସପ୍ତଗିରି ଉଲ୍ଲାକା,ଭାଜପାରୁ ଜୟରାମ ପାଙ୍ଗି, ବିଏସପିରୁ ଭାସ୍କର ମୁଚ୍ଛିକା, ସିପିଆଇ ଲିବେରେସନରୁ ଦାମୋଦର ଶବର, ସିପିଆଇ ଏମଏଲ ରେଡଷ୍ଟାର ରାଜେନ୍ଦ୍ର କେନ୍ଦୁକା ଓ ଆମ୍ବେଡ଼କର ପାର୍ଟି ଅଫ ଇଣ୍ଡିଆ ଦଳରୁ ବନମାଳି ମାଝିଙ୍କ ନାମାଙ୍କନପତ୍ର କାଏମ ରହିଥିବା ଜଣାଯାଇଛି।

■ ଜୟପୁର ଓ କୋଟପାଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ

# ୫ ପ୍ରାର୍ଥୀଙ୍କ ନାମାଙ୍କନ ଖାରଜ, ୧୬ କାଏମ

ଜୟପୁର, ୨୬।୩(ଡି.ଏନ.ଏ)

କୋରାପୁଟ ଜିଲା ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨ଜଣ ଏବଂ କୋଟପାଡର ୩ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଖାରଜ ହୋଇଯାଇଛି। ସୋମବାର ନାମାଙ୍କନପତ୍ର ଦାଖଲର ଅନ୍ତିମ ଦିବସରେ ଜୟପୁର ବିଧାନସଭା ଆସନ ନିମନ୍ତେ ମୋଟ ୧୨ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ । ମଙ୍ଗଳବାର ଯାଞ୍ଚ ବେଳେ ସମାଜବାଦୀ ପାର୍ଟିର ମୀନକେତନ ଦାଶ ଏବଂ ସ୍ୱାଧୀନ ପ୍ରାର୍ଥୀ ସୁରେଶ ନାୟକଙ୍କ ନାମାଙ୍କନ ପତ୍ର ଖାରଜ ହୋଇଥିଲା। ପ୍ରାର୍ଥିପତ୍ର ଦାଖଲ ନିମନ୍ତେ ଆବଶ୍ୟକ କାଗଜପତ୍ର ଓ ପ୍ରସ୍ତାବକ ତଥା ସମର୍ଥକ ନ ଥିବା ପ୍ରଭୃତି କାରଣରୁ ଏସବୁ ନାମାଙ୍କନ ପତ୍ର ଖାରଜ ହୋଇଯାଇଛି। ସେହିପରି କୋଟପାଡ ବିଧାନସଭା ଆସନ ନିମନ୍ତେ ୯ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ସେମାନଙ୍କ ମଧ୍ୟରୁ ହିନ୍ଦୁସ୍ତାନ ନିର୍ମାଣ ଦଳର ଘନ ସୋମରଥ, ଜେପିଜେଡିର ସନ୍ତୋଷ ଶିରା ଏବଂ ସ୍ୱାଧୀନ ପ୍ରାର୍ଥୀ ମୀନ ଭତ୍ରାଙ୍କ ନାମାଙ୍କନ ଖାରଜ ହୋଇଯାଇଛି। ବର୍ତ୍ତମାନ ଜୟପୁର ପାଇଁ ୧୦ଜଣ ଓ କୋଟପାଡ ପାଇଁ ୬ଜଣଙ୍କ ନାମାଙ୍କନ କାଏମ ରହିଛି। ଆସନ୍ତା ୨୮ତାରିଖ ଅପରାହ୍ନ ୩ଟା ମଧ୍ୟରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ସନ୍ଧ୍ୟାରେ ଚୂଡ଼ାନ୍ତ ପ୍ରାର୍ଥୀ କତାଲିକା ପ୍ରକାଶ ପାଇବ ବୋଲି ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।



ମାଟିରୁ ଫସଲ ଆମଦାନୀ ପାଇଁ ଯେପରି ଉତ୍ତମ ଚାଷ ଦରକାର,
ସେହିପରି ମନର ଚାଷ ପାଇଁ ଉତ୍ତମ ପୁସ୍ତକ ଅଧ୍ୟୟନ ଆବଶ୍ୟକ।
-ସେନେକା



## ସଂକ୍ଷେପରେ

### ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ



ରାୟଗଡା ଅଫିସ୍, ୨୬।୩: ରାୟଗଡା ଜିଲା ଓ ଦୌରାଜଜ୍ ସୋମଶେଖର ଜେନା ମଙ୍ଗଳବାର ଏକ ହତ୍ୟା ମାମଲାର ବିଚାର କରି ଜଣଙ୍କୁ ଆଜୀବନ ଜେଲ୍ ସହ ୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ରାୟଗଡା ସହର ରୟତ କଲୋନୀ ଅଷ୍ଟମ ଲେନ୍‌ର ବି.ଶିବ କୁମାର। ସୂଚନାଯୋଗ୍ୟ, ୨୦୧୫ ଅକ୍ଟୋବର ୨୩ରେ ବିଦ୍ୟାନଗର ପଞ୍ଚମ ଲେନ୍‌ର ପି.ରାମୁ(୨୮)ଙ୍କୁ ଶିବ କୁମାର ହତ୍ୟା କରି ମୃତଦେହକୁ ବୀରନାରାୟଣପୁର ରେଳଧାରଣା ନିକଟରେ ଫିଙ୍ଗି ଦେଇଥିଲେ। ଏନେଇ ରାମୁଙ୍କ ପରିବାର ଲୋକେ ରେଲୱେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତକରି ଶିବ କୁମାରଙ୍କୁ ଗିରଫ କରିଥିଲା। ଏହି ମାମଲାରେ ୧୫ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ସରକାରୀ ଓକିଲ ଭାବେ ଅଜିତ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି, ୨୬।୩(ସ୍ୱ.ପ୍ର.): ଗଜପତି ଜିଲା ପାରଳାଖେମୁଣ୍ଡି ଥାନା ଅଧୀନ ସିଙ୍ଗିପୁରଠାରେ ଏକ ବାଇକ୍ ଧକ୍କାରେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୁମ୍ମା ବ୍ଲକ କୁର୍ଲୁଣ୍ଡାଗୁଡା ଗ୍ରାମର ପୋତେୟା ଶବର(୩୦)। ସୂଚନା ଅନୁଯାୟୀ, ସୋମବାର ପୋତେୟା କୌଣସି କାମରେ ସିଙ୍ଗିପୁର ଗ୍ରାମକୁ ଯାଇଥିଲେ। ସେ ମୁଖ୍ୟ ରାସ୍ତାରେ ଚାଲି ଚାଲି ଯାଉଥିବାବେଳେ ଏକ ବାଇକ୍ (ନଂ. ଏପି ୩୦-ଏଏମ୍ ୯୭୧୬) ଯୋଗେ ଯାଉଥିବା ଆନ୍ଧ୍ରପ୍ରଦେଶ ପୁତୁରୁ ଗ୍ରାମର କେ.ଶ୍ରୀକାନ୍ତ ଭାରସାମ୍ୟ ହରାଇ ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ପୋତେୟା ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିବାରୁ ତାଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ପାରଳାଖେମୁଣ୍ଡି ଥାନାରେ ଏକ ମାମଲା (ନଂ. ୭୯/୧୯) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଏଏସ୍‌ଆଇ ପୀତବାସ ଶତପଥୀ କହିଛନ୍ତି।

### ପିକ୍‌ଅପ୍-ଟ୍ରକ ଧକ୍କା ଜଣେ ମୃତ, ୨ ଗୁରୁତର

ପଦ୍ମପୁର, ୨୬।୩(ଡି.ଏନ୍.ଏ.): ରାୟଗଡା ଜିଲା ପଦ୍ମପୁର ବ୍ଲକ ଖମ୍ବାରିଗୁଡା ଗ୍ରାମ ନିକଟ ୧୭ନମ୍ବର ରାଜ୍ୟ ରାଜପଥରେ ଏକ ପିକଅପ-ଟ୍ରକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ପିକଅପ ଡ୍ରାଇଭର ଘଟଣାସ୍ଥଳରେ ପ୍ରାଣ ହରାଇବା ସହ ୨ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ମୃତକଙ୍କ ପରିଚୟ ମିଳିନାହିଁ। ପ୍ରକାଶ ଯେ, ଏକ ମ୍ୟାକ୍ସ ପିକଅପ ଗାଡି (ଓଡି-୦୨ଏବି-୫୩୫୨)ରେ ପ୍ରତାପ ମିଶାଲ ଓ ସୂର୍ଯ୍ୟ ପଦ୍ମପୁର ଆସୁଥିଲେ। ଏହି ସମୟରେ ରାୟଗଡାରୁ ଭୁବନେଶ୍ୱର ଯାଉଥିବା ଏକ ମାଲବାହୀ ଟ୍ରକ ସେମାନଙ୍କୁ ଖମ୍ବାରିଗୁଡାଠାରେ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଡ୍ରାଇଭର ପ୍ରାଣ ହରାଇଥିଲେ। ଆହତଙ୍କୁ ପ୍ରଥମେ ଗୁଣପୁର ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଖବରପାଇ ପଦ୍ମପୁର ଥାନା ଆଇଆଇସି ଜୟଶ୍ରୀ ପ୍ରଧାନ ଓ କେନ୍ଦୁଗୁଡା ଫାଣ୍ଡି ଏସ୍‌ଆଇ ରଞ୍ଜନ ସାହୁ, ପଦ୍ମପୁର ଥାନା ଏସ୍‌ଆଇ ତ୍ରିନାଥ ତୋଟାପାରିଆ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

### ବାସି ଖାଦ୍ୟ ଖାଇ ୫ ଗାଈ ମୃତ

ଗୁଣପୁର, ୨୬।୩(ଡି.ଏନ୍.ଏ.): ରାୟଗଡା ଜିଲା ଗୁଣପୁରରେ ବିଭିନ୍ନ ଦଳ ପକ୍ଷରୁ ନାମାଙ୍କନପତ୍ର ଦାଖଲ ହୋଇଥିଲା। ପ୍ରାର୍ଥୀଙ୍କ ସମର୍ଥକମାନଙ୍କ ପାଇଁ ଭୋଜିଭାତର ବ୍ୟବସ୍ଥା ମଧ ହୋଇଥିଲା। କିନ୍ତୁ ବଳକା ଖାଦ୍ୟ, ପାଣି ପାଉଚ୍, ଖଲି ପତ୍ର ସବୁ ପଡି ରହିଥିଲା। ସେ ସବୁ ଖାଇ ୫ ଗାଈ ପ୍ରାଣ ହରାଇଛନ୍ତି। ପ୍ରକାଶ ଯେ, ଏସବିଆଇ ନିକଟ ଆମ୍ବ ତୋଟାରେ ହୋଇଥିବା ଭୋଜି ପରେ ଅଳିଆ ସବୁକୁ ଉଠାଯାଇ ନ ଥିଲା। ଏହାକୁ ଖାଇ ୫ଗାଈ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ଏହାକୁ ସଫା କରିବାକୁ ଦାବି ହୋଇଛି।

■ ରାୟଗଡ଼ା, ଗୁଣପୁର ନିର୍ବାଚନମଣ୍ଡଳୀ

# ୪ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ

ରାୟଗଡା ଅଫିସ୍/ ଗୁଣପୁର, ୨୬।୩(ଡି.ଏନ.ଏ)

ସାଧାରଣ ନିର୍ବାଚନ ପାଇଁ ସୋମବାର ଶେଷ ଦିବସରେ ରାୟଗଡା ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ୬ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ । ମଙ୍ଗଳବାର ଯାଞ୍ଚ ବେଳେ ସେମାନଙ୍କ ମଧ୍ୟରୁ ୨ଜଣଙ୍କ ନାମାଙ୍କନପତ୍ର ନାକଚ ହୋଇଥିବା ରିଟର୍ନିଂ ଅଫିସ୍‌ର ତଥା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି । ନାମାଙ୍କନ ନାକଚ ହୋଇଥିବା ୨ ପ୍ରାର୍ଥୀ ହେଲେ ବିଭୀଷଣ ମାଝି ଓ ଅମ୍ବିକା ମାଝି । ଉଭୟ ବିଭୀଷଣ ଓ ଅମ୍ବିକା ସ୍ୱାଧୀନ ପ୍ରାର୍ଥୀ ରୂପେ ପ୍ରତିଦ୍ୱନ୍ଦ୍ୱିତା କରିବା ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ବିଭୀଷଣ ନିଜର ପ୍ରସ୍ତାବକମାନଙ୍କ ଦସ୍ତଖତ ଦେଇ ନ ଥିବାରୁ ତାଙ୍କର ନାମାଙ୍କନ ନାକଚ ହୋଇଛି । ସେହିଭଳି ଅମ୍ବିକାଙ୍କ ବୟସ ୨୪ ବର୍ଷ ୧୦ମାସ ୨୧ ଦିନ ହୋଇଥିବା ଏବଂ ସେ ୧୦ ଜଣଙ୍କ ବଦଳରେ ୭ଜଣ ପ୍ରସ୍ତାବକଙ୍କୁ ନାମାଙ୍କନରେ ଦର୍ଶାଇଥିବାରୁ ତାଙ୍କର ନାକଚ ହୋଇଥିଲା । ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ସମସ୍ତ ପ୍ରାର୍ଥୀ ଓ ସେମାନଙ୍କ ୩ ଜଣ ଲେଖାଏ ପ୍ରସ୍ତାବକଙ୍କ ଉପସ୍ଥିତିରେ ଉପଜିଲାପାଳ ନାମାଙ୍କନପତ୍ର ଯାଞ୍ଚ କରିଥିଲେ । ସେହିପରି ଗୁଣପୁର ନିର୍ବାଚନ ମଣ୍ଡଳୀ ପାଇଁ ଦାଖଲ ହୋଇଥିବା ପ୍ରାର୍ଥିପତ୍ର ମଙ୍ଗଳବାର ଯାଞ୍ଚ ହୋଇଛି। ଏଥିରେ ୨ ପ୍ରାର୍ଥୀଙ୍କ ନାମାଙ୍କନ ନାକଚ ହୋଇଛି। ସେମାନେ ହେଲେ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଥିବା ସିପିଆଇ(ଏମ୍‌ଏଲ୍) ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ ଓ ଲକ୍ଷ୍ମୀ ଶବର। ତ୍ରିପତିଙ୍କ ନାଁରେ ଫୌଜଦାରି ମାମଲା ରହିଥିବା ବେଳେ ଲକ୍ଷ୍ମୀଙ୍କ ପ୍ରାର୍ଥିପତ୍ର ଦାଖଲରେ ତ୍ରୁଟି ଥିବାରୁ ସେମାନଙ୍କ ନାମାଙ୍କନପତ୍ର ନାକଚ ହୋଇଯାଇଛି।

ଗୁଣପୁର ଉପଜିଲାପାଳଙ୍କ ସଦ୍‌ଭାବନା ଗୃହଠାରେ ମଙ୍ଗଳବାର ବିଷମକଟକ ଏବଂ ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଯାଞ୍ଚ କରାଯାଇଛି। ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ପ୍ରାର୍ଥୀମାନଙ୍କ ନାମାଙ୍କନପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀର ୮ ଏବଂ ବିଷମକଟକ ନିର୍ବାଚନମଣ୍ଡଳୀର ୫ ଜଣଙ୍କ ନାମାଙ୍କନପତ୍ର ଯାଞ୍ଚ ହୋଇଥିଲା। ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସିପିଆଇଏମ୍‌ଏଲ୍ ଜିଲା ସଂପାଦକ ତ୍ରିପତି ଗମାଙ୍ଗଙ୍କୁ ଏକ ଡକାୟତି ମାମଲାରେ ଗୁଣପୁର ସବଜଜ୍ ଦୋଷୀ ସାବ୍ୟସ୍ତ କରିଥିଲେ। ୨୦୧୪ ମାର୍ଚ୍ଚ ୨୦ରେ ୧୦ ବର୍ଷ ଜେଲ ସହ ଜରିମାନାରେ ଦଣ୍ଡିତ ହୋଇଥିଲେ। ୨୦୧୦ ଅଗଷ୍ଟ ୪ରେ ବିଷମକଟକ ବି.ଗୋପାଳ ରାଓ ଏବଂ ତାଙ୍କ ପୁଅ ବନ୍ଧୁଗୁଡା ଜମିରେ ଚାଷ କାମ କରୁଥିବା ବେଳେ ତ୍ରିପତି ତାଙ୍କ ସମର୍ଥକଙ୍କ ସହ ସେମାନଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ଟଙ୍କା ଲୁଟି ନେଇଥିବା ମୁନିଗୁଡ଼ା ଥାନାରେ ଅଭିଯୋଗ ହୋଇଥିଲା। ଏହି ମାମଲାରେ ସେ ଦୋଷୀ ସାବ୍ୟସ୍ତ ହେବାପରେ ପାଞ୍ଚମାସ ଗୁଣପୁର ଜେଲରେ ରହିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୨୦୧୪ ଅଗଷ୍ଟ ୨୧ରେ ଜାମିନରେ ଆସିଥିଲେ। ସେ ୨୦୧୪ ସାଧାରଣ ନିର୍ବାଚନରେ ସିପିଆଇଏମ୍‌ର ପ୍ରାର୍ଥୀ ହୋଇଥିଲେ ମଧ କୋର୍ଟଙ୍କ ରାୟ ପରେ ଦୋଷୀ ସାବ୍ୟସ୍ତ ହୋଇଥିବା ତ୍ରିପତି ଜେଲ ଯାଇଥିଲେ ଏବଂ ପ୍ରତିଦ୍ୱନ୍ଦ୍ୱିତା କରିବାରୁ ବଞ୍ଚିତ ହୋଇଥିଲେ। ୧୦ ବର୍ଷଜେଲ ଦଣ୍ଡାଦେଶ ପାଇଥିବା ଯୋଗୁ ବର୍ତ୍ତମାନ ମଧ ସେ ନିର୍ବାଚନ ଲଢିବାରୁ ବଞ୍ଚିତ ହୋଇଛନ୍ତି। ତ୍ରିପତି ଗମାଙ୍ଗ ତଳ କୋର୍ଟଙ୍କ ରାୟ ବିରୋଧରେ ହାଇକୋର୍ଟରେ ଅପିଲ କରିଥିଲେ। ଯାହା ବର୍ତ୍ତମାନ ସେଠାରେ ବିଚାରାଧୀନ ରହିଛି। କଂଗ୍ରେସର ବିଦ୍ରୋହୀ ପ୍ରାର୍ଥୀ ଲକ୍ଷ୍ମୀ ଶବର ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ସେଥିରେ ୧୦ ଜଣ ପ୍ରସ୍ତାବକଙ୍କ ଦସ୍ତଖତ ବଦଳରେ ୯ ଜଣଙ୍କ ଦସ୍ତଖତ ଥିବାରୁ ତାଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି ବୋଲି ନିର୍ବାଚନ ଅଧିକାରୀ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ସୂଚନା ଦେଇଛନ୍ତି। ନାମାଙ୍କନପତ୍ର ଯାଞ୍ଚବେଳେ ସାଧାରଣ ପର୍ଯ୍ୟବେକ୍ଷକ ତ୍ରିଦିବେସରାୟ, ନିର୍ବାଚନ ବରିଷ୍ଠ ଅଧିକାରୀ ଭାବେ ପିଡି ଡିଆରଡିଏ ଅମ୍ରିତ ଋତୁରାଜ ଏବଂ ସହକାରୀ ନିର୍ବାଚନ ଅଧିକାରୀ ତଥା ତହସିଲଦାର ନମ୍ରତା ମୋଦି ଉପସ୍ଥିତ ଥିଲେ। ବିଭିନ୍ନ ଦଳର ପ୍ରାର୍ଥୀଙ୍କ ସମେତ ସେମାନଙ୍କ ଓକିଲ, ପ୍ରସ୍ତାବକମାନେ ଏହି ଅବସରରେ ଉପସ୍ଥିତ ଥିଲେ।



ରାୟଗଡ଼ାଠାରେ ପ୍ରାର୍ଥିପତ୍ର ଯାଞ୍ଚ ଚାଲିଛି ।



ଗୁଣପୁରଠାରେ ଯାଞ୍ଚ ପ୍ରକ୍ରିୟାରେ ଉପସ୍ଥିତ ଅଧିକାରୀ

■ ମୋହନା ଓ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ

## ସମସ୍ତ ୧୭ ପ୍ରାର୍ଥୀଙ୍କ ନାମାଙ୍କନ କାଏମ

ପାରଳାଖେମୁଣ୍ଡି, ୨୬।୩(ସ୍ୱ.ପ୍ର.)

ଗଜପତିଜିଲା ପାରଳାଖେମୁଣ୍ଡି ଓ ମୋହନା ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ୧୭ଜଣ ପ୍ରାର୍ଥୀଙ୍କ ନାମାଙ୍କନ କାଏମ ରହିଛି । ମଙ୍ଗଳବାର ନାମାଙ୍କନପତ୍ର ଯାଞ୍ଚ ପରେ ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଏହି ସୂଚନା ମିଳିଛି। ନିର୍ବାଚନ ପଞ୍ଜୀକରଣ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ସହକାରୀ ରିଟର୍ନିଂ ଅଫିସର ସୀମାଞ୍ଚଳ ମହାନ୍ତି, ମୋହନା ନିର୍ବାଚନ ମଣ୍ଡଳୀର ସହକାରୀ ରିଟର୍ନିଂ ଅଫିସର ସ୍ମୃତି ରଞ୍ଜନ ଶତପଥି ପ୍ରମୁଖ ପ୍ରାର୍ଥିପତ୍ର ଯାଞ୍ଚ କାର୍ଯ୍ୟରେ ସାମିଲ ହୋଇଥିଲେ। ଏହି ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ମୋଟ ୧୭ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ। ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ପାଇଁ ଯେଉଁମାନଙ୍କ ନାମାଙ୍କନପତ୍ର କାଏମ ରହିଛି ସେମାନେ ହେଲେ କଂଗ୍ରେସର କେ. ସୂରିୟା ରାଓ, ଭାଜପାର କେ.ନାରାୟଣ ରାଓ, ବିଜେଡିର କଲ୍ୟାଣୀ ଗଜପତି, ବିଏସ୍‌ପିର ଗୌରୀ ଶଙ୍କର ମହାନନ୍ଦିଆ, ସମତା କ୍ରାନ୍ତିର ସୁନୀଲ କୁମାର ପଟ୍ଟନାୟକ, ସିପିଆଇ(ଏମ୍‌ଏଲ୍)ର କେଦାର ଶବର, ସ୍ୱାଧୀନ ପ୍ରାର୍ଥୀ ତିରୁପତି ପାଣିଗ୍ରାହୀ ଏବଂ ମୀନକେତନ ଜେନା। ସେହିପରି ମୋହନା ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସର ଦାଶରଥି ଗମାଙ୍ଗ, ଭାଜପାର ପ୍ରଶାନ୍ତ ମଲ୍ଲିକ, ବିଜେଡିର ପୂର୍ଣ୍ଣବାସୀ ନାୟକ, ଆମ୍ବେଦକର ଜାତୀୟ କଂଗ୍ରେସର ଦାମୋଦର ରଇତ, ସିପିଆଇ(ଏମ୍‌ଏଲ୍)ର ଜାକୋବ କାର୍ଜୀ, ବିଏସ୍‌ପିର ସୁଦାମ ରଇତ, ସ୍ୱାଧୀନ ପ୍ରାର୍ଥୀ ଭାବେ ଭରତ ପାଇକ, ପୂର୍ଣ୍ଣଚନ୍ଦ୍ର ଗମାଙ୍ଗ, ଅସ୍ମାନ ମଲିକଙ୍କ ନାମାଙ୍କନ କାଏମ ରହିଛି। ଆଗାମୀ ଏପ୍ରିଲ ୧୧ରେ ଭୋଟରମାନେ ନିଜ ମତଦାନ ମାଧମରେ ଏହି ପ୍ରାର୍ଥୀମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ।

## ପ୍ରଚାର ଆରମ୍ଭ କଲେ ବିଜେଡି ପ୍ରାର୍ଥୀ ରଘୁନାଥ



ବିଜେଡି ପକ୍ଷରୁ ବାହାରିଥିବା ପ୍ରଚାର ଶୋଭାଯାତ୍ରା।

ଗୁଡ଼ାରୀ, ୨୬।୩(ଡି.ଏନ୍.ଏ.)

ବିଜେଡି ପ୍ରାର୍ଥୀ ରଘୁନାଥ ଗମାଙ୍ଗ ମଙ୍ଗଳବାର ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ତାଙ୍କ ପ୍ରଚାର ଶୋଭାଯାତ୍ରାରେ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ ଏବଂ ରାଜ୍ୟ ଯୋଜନା ବୋର୍ଡର ସୁଧୀର ଦାସ ସାମିଲ ହୋଇଥିଲେ। ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ନିକଟରୁ ସେମାନେ ଏକ ଶୋଭାଯାତ୍ରାରେ ବାହାରି ସହରର ମୁଖ୍ୟରାସ୍ତା ଦେଇ ସୌରାସାହି ନିକଟରେ ପହଞ୍ଚିଥିଲେ। ପ୍ରଥମଥର ପାଇଁ ଗୁଣପୁର ବିଧାନସଭା ଆସନ ପାଇଁ ଗୁଡାରୀ ବ୍ଲକର ଏମ୍‌କେରାଇ ଗ୍ରାମର ରଘୁନାଥ ଗମାଙ୍ଗଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଗୁଡାରୀ ଅଞ୍ଚଳର ବିକାଶ ନିମନ୍ତେ ସ୍ଥାନୀୟ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରାଇବା ପାଇଁ ସେମାନେ ଲୋକଙ୍କୁ କହିଥିଲେ। ଏହି ଅବସର ରେକଂଗ୍ରେସର କିଛି କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସନ୍ତୋଷ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ସହର ଏବଂ ଗ୍ରାମାଞ୍ଚଳର ଅନେକ କର୍ମୀ ଯୋଗଦେଇଥିଲେ। ଗୁଡାରୀ ବିଜେଡିରେ ଫାଟ ହୋଇଥିବା ଯୋଗୁ ବହୁ ସ୍ଥାନୀୟ ନେତାଙ୍କ ଅନୁପସ୍ଥିତି ଦେଖାଦେଇଥିଲା। ଏପରି କି ବିଜେଡିର ବରିଷ୍ଠ ନେତା କେ. ରାମକ୍ରିଷ୍ଣା ଏହି କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିଲେ।

## ଗରମ ପେଯ ପଡ଼ି ଛାତ୍ର ଗୁରୁତର

■ ହଷ୍ଟେଲରେ ଭାତ ରାନ୍ଧି ଗାଳିବାକୁ ନେବାବେଳେ ଝୁଣ୍ଟି ପଡ଼ିଲେ

ଚନ୍ଦ୍ରଗିରି, ୨୬।୩(ଡି.ଏନ.ଏ.)

ଗଜପତି ଜିଲା ମୋହନା ବ୍ଲକ ଅଧୀନ ବାଘମାରୀ ୟୁଜିଏଚ୍ ବିଦ୍ୟାଳୟର ହଷ୍ଟେଲରେ ମଙ୍ଗଳବାର ଏକ ଅଘଟଣ ଘଟିଛି। ପିଲାଙ୍କ ପାଇଁ ରୋଷେଇ କରିବାବେଳେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ର ପୋଡ଼ିଯାଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ନାମ ସୁରେନ୍ଦ୍ର ମାଝି। ତାଙ୍କୁ ଚିକିତ୍ସା ପାଇଁ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ହଷ୍ଟେଲରେ ରୋଷେୟା ଅନୁପସ୍ଥିତ ଥିବାରୁ ସକାଳ ୭ଟାରେ ପିଲାଙ୍କ ପାଇଁ ସୁରେନ୍ଦ୍ର ରୋଷଇ କରୁଥିଲେ। ଭାତ ରାନ୍ଧିସାରି ପେଯ ଗାଳିବାକୁ ନେଉଥିବାବେଳେ ଏକ ପଥରରେ ଝୁଣ୍ଟି ପଡ଼ିଯାଇଥିଲେ। ଫଳରେ ତାଙ୍କ ଦେହରେ ଗରମ ପେଯ ଓ ଭାତ ପଡ଼ିଯାଇଥିଲା। ତାଙ୍କୁ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତାଙ୍କ ଦେହର ପ୍ରାୟ ୩୦ରୁ ୩୫ ପ୍ରତିଶତ ପୋଡ଼ିଯାଇଥିବା ଡାକ୍ତରଙ୍କଠାରୁ ଜଣାପଡ଼ିଛି। ସୁରେନ୍ଦ୍ରଙ୍କ ପିତା ଆନ୍ଦ୍ରିୟ ମାଝି ଏହି ଘଟଣା ପାଇଁ ସ୍କୁଲ ତଥା ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। କେବଳ ରୋଷେଇ ନୁହେଁ, କାଠ ଓ ପାଣି ଆଣିବା ଆଦି ବିଭିନ୍ନ କାର୍ଯ୍ୟରେ ପିଲାଙ୍କୁ ନିୟୋଜିତ କରାଯାଉଥିବା ଏବଂ ଆଦୌ ପାଠପଢା ହେଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ପ୍ରଧାନ ଶିକ୍ଷକ ତଥା ହଷ୍ଟେଲ ଇନଚାର୍ଜ ଏଶ ମାଝି କହିଛନ୍ତି ଯେ, ଛାତ୍ରମାନଙ୍କୁ କାର୍ଯ୍ୟରେ ନ ଲଗାଇବା ପାଇଁ ମୁଁ କହିଛି। କିନ୍ତୁ ଜଣେ ପିଅନ ରୋଷେଇ କରୁଥିବାରୁ କାର୍ଯ୍ୟରେ ସହଯୋଗ କରିବା ପାଇଁ ଛାତ୍ର ନିୟୋଜିତ ଥିବାବେଳେ ଆକସ୍ମିକ ଭାବେ ଏଭଳି ଘଟଣା ଘଟିଛି। ଏ ନେଇ ବ୍ଲକ ଶିକ୍ଷାଧିକାରୀ ଲିବନ୍‌ସ ବାର୍ଲାଙ୍କୁ ପଚାରିବାରେ ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।



ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ସୁରେନ୍ଦ୍ର ମାଝି ।

## ପ୍ରଚାର ଅଭିଯାନ ଆରମ୍ଭ ପାଇଁ ଅଣ୍ଟା ଭିଡୁଛନ୍ତି ପ୍ରାର୍ଥୀ

ପାରଳାଖେମୁଣ୍ଡି, ୨୬।୩(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ବିଧାନସଭା କ୍ଷେତ୍ର ପାଇଁ ଆସନ୍ତା ଏପ୍ରିଲ ୧୧ରେ ନିର୍ବାଚନ ହେବାକୁ ଥିବାବେଳେ ୪ଜଣ ପ୍ରାର୍ଥୀଙ୍କ ମଧ୍ୟରେ ମୁଖ୍ୟତଃ ଟକ୍କର ଜୋରଦାର ହେବ ବୋଲି ଚର୍ଚ୍ଚା ଚାଲିଛି। ଏହି ୪ଜଣ ହେଲେ କଂଗ୍ରେସର କେ.ସୂରିୟା ରାଓ, ଭାଜପାର କେ. ନାରାୟଣ ରାଓ, ବିଜେଡିର କଲ୍ୟାଣୀ ଗଜପତି ଏବଂ ସ୍ୱାଧୀନ ପ୍ରାର୍ଥୀ ତିରୁପତି ପାଣିଗ୍ରାହୀ। ଏମାନେ ପ୍ରଚାର ଅଭିଯାନ ଆରମ୍ଭ ଲାଗି ଅଣ୍ଟା ଭିଡ଼ିଛନ୍ତି। ତିରୁପତି ଏକପ୍ରକାର ପ୍ରଚାର ଅଭିଯାନ ଆରମ୍ଭ କରିସାରିଥିବା ବେଳେ ଅନ୍ୟ ପ୍ରାର୍ଥୀମାନେ ନିଜ ସଙ୍ଗଠନ ସଜାଡିବାରେ ବ୍ୟସ୍ତ ଥିବା ଜଣାପଡ଼ିଛି। କଂଗ୍ରେସରୁ ଟିକେଟ ପାଇବାରୁ ବଞ୍ଚିତ ହେବା ପରେ ତିରୁପତି ସ୍ୱାଧୀନ ଭାବେ ଲଢିବାକୁ ଯାଉଛନ୍ତି। ଅଧିକ ଭୋଟ ହାତେଇବା ପାଇଁ ସେ ନିଜ ସମର୍ଥକଙ୍କ ସମେତ ଅନ୍ୟ ଦଳର କର୍ମୀଙ୍କୁ ମନାଇବାକୁ ଉଦ୍ୟମ ଚଳାଇଛନ୍ତି। ଅନ୍ୟପକ୍ଷେ ବର୍ତ୍ତମାନ ବିଧାୟକ ଥିବା କେ. ସୂରିୟା ରାଓ ଯେନତେନ ପ୍ରକାରେ କଂଗ୍ରେସ ସଙ୍ଗଠନକୁ ନିଜ ହାତମୁଠାକୁ ଆଣି ଆସନ ବଞ୍ଚାଇ ରଖିବାକୁ ପ୍ରୟାସ ଆରମ୍ଭ କରିଦେଇଛନ୍ତି। ସେହିପରି କେ.ନାରାୟଣ ରାଓ ନିଜ ପୂର୍ବ ସଙ୍ଗଠନର କିଛି ସମର୍ଥକ ଓ ବର୍ତ୍ତମାନର ଦଳୀୟ କର୍ମୀଙ୍କ ସହଯୋଗରେ ନିର୍ବାଚନ ଜିତିବାକୁ ଆଶା ବାନ୍ଧିଛନ୍ତି। କଲ୍ୟାଣୀ ଗଜପତିଙ୍କ ସପକ୍ଷରେ ବିଜେଡିର ଜିଲା ସଭାପତି ଏବଂ କେତେକ ଗୋଷ୍ଠୀ ରହିଥିବାରୁ ସେ ମଧ ଆସନ ହାତେଇବା ପାଇଁ ରଣକୌଶଳ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଏଥିଯୋଗୁ ଏବେଠୁ ଏଠାକାର ରାଜନୀତି ପାଣିପାଗ ଉଷ୍ମ ହେଲାଣି।

## ରାସ୍ତା କାମ ଅଧାପନ୍ତରିଆ

ପାରଳାଖେମୁଣ୍ଡି, ୨୬।୩(ସ୍ୱ.ପ୍ର.)

ଗଜପତି ଜିଲା ଗୋଷାଣୀ ବ୍ଲକ କେରାଣ୍ଡି ପଞ୍ଚାୟତ ଅଧୀନସ୍ଥ କାମାକ୍ଷୀ ନଗର ଲେନ୍-୧ର ରାସ୍ତା ନିର୍ମାଣ କାମ ଦୀର୍ଘ ଦେଢମାସ ହେଲା ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଫଳରେ ଲୋକେ ଯାତାୟାତ ପାଇଁ ହଇରାଣ ହେଉଛନ୍ତି। ଗାଡ଼ିମୋଟର ଚଳାଚଳରେ ମଧ ସମସ୍ୟା ଉପୁଜୁଛି। ଉକ୍ତ ରାସ୍ତା ନିର୍ମାଣ ପାଇଁ ୧ଲକ୍ଷ ୫୦ହଜାର ଟଙ୍କା ବ୍ୟୟ ଅଟକଳ ହୋଇଛି। ଏପର୍ଯ୍ୟନ୍ତ କାମ ସମ୍ପୂର୍ଣ୍ଣ ହୋଇନଥିବାବେଳେ ରାସ୍ତାରେ ଚିପ୍ସ, ବାଲି ଆଦି ନିର୍ମାଣ ସାମଗ୍ରୀ ପଡ଼ିରହିଛି। ଏଥିଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ କାମ ସାରିବାକୁ ସ୍ଥାନୀୟ ଅଞ୍ଚଳର ଉପେନ୍ଦ୍ର ଦାସ, ପ୍ରଭାକର ରାଓ, ଏନ୍. ଶ୍ରୀନିବାସ, କାଶୀନାଥ ପାତ୍ର, ବସନ୍ତ ରାଉତ, ବିଜୟ ଶେଖର ପଟ୍ଟନାୟକ ପ୍ରମୁଖ ଦାବି କରିଛନ୍ତି।



ରାସ୍ତାରେ ଅଧା ଚିପ୍ସ ବିଛାଯାଇଛି।

## ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ



ଓକିଲ ସଂଘର ନୂତନ କର୍ମକର୍ତ୍ତାମାନେ।

ରାୟଗଡା ଅଫିସ୍, ୨୬।୩

ରାୟଗଡା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବରିଷ୍ଠ ଆଇନଜୀବୀ ବ୍ରଜସୁନ୍ଦର ନାୟକ ସଭାପତି, ପଦ୍ମନାଭ ଦାଶ ସମ୍ପାଦକ, ଭି. ଅବତାର ଉପସଭାପତି, ସହସମ୍ପାଦକ ମୋହନ ନାଏକ ଏବଂ କୋଷାଧ୍ୟକ୍ଷ ଭାବେ ରଶ୍ମିରଞ୍ଜନ ଖଡୁଆ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନୂତନ କର୍ମକର୍ତ୍ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଉଦ୍‌ଘାଟିତ



ଗୁଣପୁର, ୨୬।୩(ଡି.ଏନ.ଏ)

ଗୁଣପୁରର ମା' ମଙ୍ଗଳା ମନ୍ଦିର ନିକଟରେ ଏଚଡିଏଫସି ବ୍ୟାଙ୍କ ଉଦ୍‌ଘାଟିତ ହୋଇଛି। ଏସଡିପିଓ ରାଜ କିଶୋର ଦାସ ମୁଖ୍ୟ ଅତିଥି, ଗାନ୍ଧୀ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବ୍ୟାଙ୍କର ଦକ୍ଷିଣ ଓଡିଶା ଡେପୁଟି ଭାଇସ୍ ପ୍ରେସିଡେଣ୍ଟ ଦେବେନ୍ଦ୍ର ନାଥ ଜେନା, ସିନିୟର ବ୍ରାଞ୍ଚ ମ୍ୟାନେଜର ସୁଶାନ୍ତ କୁମାର ସାହୁ, ଅନୀଲ ସେନାପତି, ସୌମେନ୍ଦ୍ର କର ଏବଂ ଗୁଣପୁର ଶାଖା ପରିଚାଳକ ଜାମୁଲା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଠାକୁରାଣୀ ପର୍ବ ପାଇଁ ଶୁଭଖୁଣ୍ଟି ସ୍ଥାପନ

ପାରଳାଖେମୁଣ୍ଡି, ୨୬।୩(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ପୌର ପରିଷଦର ୩ନମ୍ବର ୱାର୍ଡରେ ମା' ଫୁଲସୁନ୍ଦରୀ ଠାକୁରାଣୀଙ୍କ ପର୍ବ ପାଇଁ ମଙ୍ଗଳବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାରଳା ସ୍ୱାଭିମାନ ମଞ୍ଚର ଆବାହକ ତିରୁପତି ପାଣିଗ୍ରାହୀ ଯୋଗଦେଇଥିଲେ। ଅନ୍ୟପକ୍ଷେ ଆସନ୍ତା ନିର୍ବାଚନରେ ସେ ପାରଳାଖେମୁଣ୍ଡି ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ହୋଇଥିବାରୁ ଏଠାରୁ ଏକପ୍ରକାର ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ଏହି ଶୁଭଖୁଣ୍ଟି ପୂଜାର୍ଚ୍ଚନା ସମୟରେ ସ୍ଥାନୀୟ ୱାର୍ଡର ପୂର୍ବତନ କାଉନସିଲର ଖଗେଶ୍ୱରୀ ବେହେରା, କୃଷ୍ଣଚନ୍ଦ୍ର ବେହେରା, ଗରୁଡ଼ଧ୍ୱଜ ଚୌଧୁରୀ, ରଘୁ ଆପଟ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ମେ ୮ତାରିଖଠାରୁ ମା' ଫୁଲସୁନ୍ଦରୀଙ୍କ ଠାକୁରାଣୀ ଯାତ୍ରା ଆରମ୍ଭ ହେବ ବୋଲି ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି।



## ଲାଲ୍‌ବିହାରୀ ହିମିରିକା ସବୁଠୁ ଧନୀ ପ୍ରାର୍ଥୀ

ରାୟଗଡା ଅଫିସ୍, ୨୬।୩

ରାୟଗଡା ନିର୍ବାଚନମଣ୍ଡଳୀର ୫ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ବିଜେଡିର ଲାଲ୍‌ବିହାରୀ ହିମିରିକା ହେଉଛନ୍ତି ସବୁଠାରୁ ଅଧିକ ଧନୀ ପ୍ରାର୍ଥୀ। ତାଙ୍କ ନିକଟରେ ୧୨ଲକ୍ଷ ୭ହଜାର ୧୯୪ ଟଙ୍କା ଓ ତାଙ୍କ ସ୍ତ୍ରୀଙ୍କ ନିକଟରେ ୩ ଲକ୍ଷ ୮୪ହଜାର ୬୯୧ ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି । ସେହିଭଳି ୯୯ ଲକ୍ଷ ୫୦ ହଜାର ଟଙ୍କାର ଅସ୍ଥାବର ସମ୍ପତ୍ତି ଥିବା ବେଳେ ସ୍ତ୍ରୀଙ୍କର ୮ଲକ୍ଷ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ଏତଦ୍‌ବ୍ୟତୀତ ତାଙ୍କ ନାମରେ ୧୦ଲକ୍ଷ ୬ ହଜାର ୭୫୪ ଓ ସ୍ତ୍ରୀଙ୍କ ନାମରେ ୨ଲକ୍ଷ ୫୬ ହଜାର ୮୮୨ ଟଙ୍କା ବ୍ୟାଙ୍କ ଡିପୋଜିଟ ଅଛି । କଂଗ୍ରେସ ପ୍ରାର୍ଥୀ ଆପୁଲସ୍ୱାମୀ କାଡ୍ରାକାଙ୍କ ୪୦ ଲକ୍ଷ ୨୬ ହଜାର ୫୪୮ ଟଙ୍କାର ସ୍ଥାବର ଓ ସ୍ତ୍ରୀଙ୍କ ନାମରେ ୨୬ ଲକ୍ଷ ୧୯ ହଜାର ୮୯ ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି । ନିଜ ନାମରେ ୧୫ଲକ୍ଷ ଟଙ୍କାର ଅସ୍ଥାବର ସମ୍ପତ୍ତି ଥିବାବେଳେ ସ୍ତ୍ରୀଙ୍କ ନାମରେ କିଛି ନାହିଁ। ତାଙ୍କ ଉପରେ ନିର୍ଭର କରୁଥିବା ପରିବାରର ଅନ୍ୟ ସଦସ୍ୟଙ୍କ ୨୩ ଲକ୍ଷ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି । ସେହିଭଳି ଭାଜପା ପ୍ରାର୍ଥୀ ବସନ୍ତ କୁମାର ଉଲ୍ଲାକାଙ୍କ ନାମରେ ୧୯ ଲକ୍ଷ ୯୩ ହଜାର ୫୭୩ ଟଙ୍କାର ଓ ସ୍ତ୍ରୀଙ୍କ ନାମରେ ୫ଲକ୍ଷ ୪୧ ହଜାର ୧୨ ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି । ୧୦ଲକ୍ଷ ଟଙ୍କାର ଅସ୍ଥାବର ସମ୍ପତ୍ତି ବସନ୍ତଙ୍କ ନାମରେ ଓ ୬ଲକ୍ଷ ଟଙ୍କା ସ୍ତ୍ରୀଙ୍କ ନାମରେ ରହିଛି । ବିଏସ୍‌ପି ପ୍ରାର୍ଥୀ ପୂର୍ଣ୍ଣବତୀ ମାଝୀଙ୍କ ନାମରେ ୮୦ହଜାର ଟଙ୍କା ନଗଦ, ୧୭ ତୋଳା ସୁନା ଏବଂ ଅନ୍ୟାନ୍ୟ ସମ୍ପତ୍ତି ୬ଲକ୍ଷ ୮୦ହଜାର ଟଙ୍କା ରହିଛି । ସ୍ୱାଧୀନ ପ୍ରାର୍ଥୀ ମକରନ୍ଦ ମୁଦୁଲିଙ୍କ ନାମରେ ୨ ଏକର ଚାଷଜମି ଓ ନଗଦ ୧୫ ହଜାର ଟଙ୍କା ରହିଥିବା ସମ୍ପର୍କରେ ଉପଜିଲାପାଳ ତଥା ରିଟର୍ନିଂ ଅଫିସ୍‌ର ପ୍ରତାପ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।



ଲାଲ୍‌ବିହାରୀ ହିମିରିକା

